# କାଏମା ପାହାଡ଼ରେ ଅଗ୍ନିକାଣ୍ଡ



**ଧର୍ମଶାଳା, ୫।୩(ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଐତିହାସିକ କାଏମା ପାହାଡରେ ଅଗ୍ନିକାଣ୍ଡ ଘଟି ବହୁ ମୂଲ୍ୟବାନ ଗଛ ପୋଡ଼ିଯାଇଥିବା ଦେଖିବାକୁ ମିଳିଛି। କେହି ଦୁର୍ବୃତ୍ତ ପାହାଡ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଖରାଦିନ ହୋଇଥିବାରୁ ଏହି ନିଆଁ।। ଅଳ୍ପ ସମୟ ମଧ୍ୟରେ ପାହାଡର ଚାରିଆଡେ ବ୍ୟାପିଯାଇଥିଲା। ସ୍ଥାନୀୟ ଲୋକେ ପାଣି ପାଇପ ସାହାଯ୍ୟରେ ନିଆଁ କୁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଚଢେଇଧରା ଏବଂ କୁଆଖିଆର ଦୁଇ ଗୋଟି ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଦୀର୍ଘ ସମୟ ପରେ ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପହାଡ଼ରେ ଥିବା ବହୁ ମୂଲ୍ୟବାନ ଗଛ ଗୁଡିକ ପୋଡି ଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣା କୁ ନେଇ ପାହାଡ ନିକଟ ବର୍ତି ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାହାଡ ପାର୍ଶ୍ୱରେ ଅନେକ ଚାଳ ଛପର ଘର ରହିଥିବା ବେଳେ କିଛି ଅସାମାଜିକ ଯୁବକ ଏହି ଭଳି କାର୍ଯ୍ୟ କରିଥିବା କହିଛନ୍ତି। ବନ ବିଭାଗ ଏହି ଦୁର୍ବୁତ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଖବର ପାଇ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଁଚି ଘଟଣା ସମ୍ପର୍କରେ ଅବଗତ ହୋଇଥିଲା ବେଳେ ନିଆଁ ଲଗାଇଥିବା ଦୃର୍ବୃତମାନଙ୍କୁ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଅଗକୁ ଜଣାପଡ଼ିବ।

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ



**ଧର୍ମଶାଳା, ୫।୩(ସମିସ):** ଧର୍ମଶାଳା ବ୍ଲକ ଚୋରମୁଁହା ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ମୂଲ୍ୟର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ଅଚ୍ୟୁତାନନ୍ଦ ବିଶ୍ୱାଳଙ୍କ ଗ୍ୟାରେଜରେ ସୋମବାର ବିଳମ୍ବିତ ରାତ୍ରରେ ବିଦ୍ୟୁତ୍ ସଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଗ୍ୟାରେଜରେ ଥିବା ୬ଗୋଟି ବାଇକ୍ ଓ ସ୍କୁଟର ପୋଡ଼ିଯିବା ସହ ସେଠାରେ ଚେନରେ ବନ୍ଧା ହୋଇଥିବା ଲାବ୍ରା ପ୍ରଜାତିର ଏକ କୁକୁର ଜୀବନ୍ତ ଦଗ୍ଧ ହୋଇଯାଇଛି। ପଡୋଶୀମାନେ ମଟର ପମ୍ପ ଯୋଗେ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ ହେଁ ନିଆଁକୁ ଆୟତ କରିପାରିନଥିଲେ। ଖବର ପାଇ ବହୁ ବିଳମ୍ବରେ ଚଣ୍ଡିଖୋଲ ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ। ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଥିବା ଖବରପାଇ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ସହ ସାଇନଟିଫିକ୍ ଟିମ ଆସି ତଦନ୍ତ କରିଥିଲେ। ଖବର ପାଇ ଯାଜପୁର ପୂର୍ବତନ ସାଂସଦ ରୀତା ତରାଇ, ବରିଷ୍ଠ କଂଗ୍ରେସ ନେତା କିଶାନ ପଣ୍ଡା, ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସଦସ୍ୟ ସମିତି ସଭ୍ୟ ପ୍ରିୟବ୍ରତ ପ୍ରଧାନ ପ୍ରମୁଖ ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରି ବିପନ୍ନଙ୍କୁ ସମବେଦନା ଜଣାଇଥିଲେ।

# ତାତିଲେ ମହିଳା; ଭାଙ୍ଗିଲେ ମଦ ଦୋକାନ

**ଦଶରଥପୁର, ୫।୩(ସମିସ):** ରାସ୍ତା ପାର୍ଶ୍ୱରେ ବର୍ଷ ବର୍ଷ ଧରି ଚାଲିଥିଲା ଚୋରା ମଦ ବେପାର। ଗ୍ରାମବାସୀ, ପୁଲିସ ଏବଂ ଅବକାରୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ଶୁଣୁ ନଥିଲେ। ଶେଷରେ ବେଆଇନ ମଦ ବେପାର ବନ୍ଦ କରିବାକୁ ଅଣ୍ଟା ଭିଡ଼ିଲେ ସ୍ଥାନୀୟ ମହିଳା। ମଦ ଦୋକାନରେ ଚଢ଼ଉ କରି ଦୋକାନକୁ ଭାଙ୍ଗି ଦେଇଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଟାଉନ ଥାନା ତଥା ଦଶରଥପୁର ବ୍ଲକ ଚିଉାଳ କଲେଜ ରାସ୍ତା ପାଶ୍ୱ ବାଲିପଦା ଛକରେ। ଏଠାରେ ଦୋକାନ ନାମରେ ମଦ ଚୋରା ବ୍ୟବସାୟ ଚାଲୁଥିଲା। ମଦ ପିଇ ସ୍ଥାନୀୟ ଯୁବକ ମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ଫଳରେ ଉକ୍ତ ରାସ୍ତା ଦେଇ କଲେଜ ଛାତ୍ରୀ, ମହିଳା ଏବଂ ବୟସ୍କ ବ୍ୟକ୍ତି ଯାତାୟାତ କରିବାକୁ ଭୟ କରୁଥିଲେ। ବିଭିନ୍ନ ସମୟରେ ସ୍ଥାନୀୟ ବାସିନ୍ଦା ଚୋରା ମଦ ବେପାର ବନ୍ଦ କରିବାକୁ ଯାଜପୁର ଟାଉନ ଥାନା ଏବଂ ଅବକାରୀ ବିଭାଗର ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା। ଆଜି ଅପରାହ୍ନ ପ୍ରାୟ ୪ଟାରେ ଗ୍ରାମର ଶତାଧିକ ମହିଳା ବାଲିପଦା ଦୁର୍ଗା ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ପୁଲିସ ଭାରସାଯୋଗ୍ୟ ନୁହେଁ ବୋଲି ଅଭିଯୋଗ କରି ଉକ୍ତ ଚୋରା ମଦ ଦୋକାନକୁ ଭାଙ୍ଗି ଦେବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଶତାଧିକ ମହିଳା ଉକ୍ତ ଚୋରା ମଦ ଦୋକାନ ଉପରେ ଚଢ଼ଉ କରି ଦୋକାନକୁ ଭାଙ୍ଗି ଦେଇଥିଲେ। ଖବର ପାଇ ଯାଜପୁର ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ମଦ ବ୍ୟବସାୟ କରୁଥିବା ଅଜୁ ପାଗଳ ଘରେ ଚଢ଼ଉ କରି ୩ଟି ବ୍ୟାଗରେ ଭର୍ତ୍ତି ୩୦ ଲିଟରରୁ ଅଧିକ ପରିମାଣର ବିଭିନ୍ନ ବ୍ରାଣ୍ଡର ମଦ ଜବଦ କରିବା ସହିତ ଚୋରା ମଦ ବ୍ୟବସାୟ କରୁଥିବା ଅଜୁ ପାଗଳ ଓ ତାର ସାନ ଭାଇ କାଜୁ ପାଗଳକୁ ଗିରଫ କରିଥିଲା। ଆଜି କେଶ ନଂ ୮୯/୨୬ରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।



## ଭୂବନ୍ଦୋବସ୍ତ ପାଇଁ ଜିଲ୍ଲାପାଳ ଦେଲେ ଆଦେଶ

**ପ୍ରୀତିପୁର, ୫।୩(ସମିସ):** ବିଞ୍ଝାରପୁର ବ୍ଲକ ତଥା ତହସିଲ ଅନ୍ତର୍ଗତ ଶିଶିରଣା, ରୁଦ୍ରପୁର ଫତେପୁର ମୌଜାର ଚାଷୀନେତା ବୀରଭଦ୍ର ସାମଲଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶବିରରେ ସାକ୍ଷାତ କରିଥିଲେ। ବେବନ୍ଦୋବସ୍ତ ରାଜସ୍ୱ ଗ୍ରାମଗୁଡ଼ିକର ବନ୍ଦୋବସ୍ତ କାର୍ଯ୍ୟ ଚୂଡାନ୍ତ କରି ଚାଷୀ ମାନଙ୍କୁ ନୂତନ ପଟା ପ୍ରଦାନ ନିମନ୍ତେ ବିହୀତ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ। ଚାଷୀମାନେ ଦୀର୍ଘ ଦଶବର୍ଷ ତଳେ ତତ୍ କାଳୀନ ଜିଲ୍ଲାପାଳଙ୍କ ନିକଟରେ କରିଥିବା ଅଭିଯୋଗର ନକଲ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାପାଳ ବିଞ୍ଝାରପୁର ତହସିଲଦାରଙ୍କ ସହିତ ଏ ବୀଷୟରେ ବାର୍ତ୍ତାଳାପ କରିବା ସହିତ ଏହି ତିନିଗୋଟି ରାଜସ୍ୱ ଗ୍ରାମର ବନ୍ଦୋବସ୍ତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। କୃଷକନେତା ବୀରଭଦ୍ର ସାମଲ, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଦାସ, ତରୁଣ କୁମାର ସ୍ୱାଇଁ, ବସୁଦେବ ସାମଲ, ଧନେଶ୍ୱର କାଣ୍ତି, ନରୋତ୍ତମ ସାମଲ, ଆକୁଳାନନ୍ଦ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ।

### ବରୀ ବିଜେପିରେ ନେତୃତ୍ୱ କନ୍ଦଳ

## ସୁନନ୍ଦା, ଉମେଶ ପରେ ମନୋଜଙ୍କ ଏଣ୍ଟ୍ରି

**ଯାଜପୁର, ୫।୩(ସମିସ):** ବରୀ ବିଜେପି ସଂଗଠନରେ ନେତୃତ୍ୱକୁ ନେଇ ସର୍ବଦା ବିବାଦ ଦେଖାଦେଇଛି। ଏଠାରେ ବିଧାୟକ ପ୍ରାର୍ଥୀ ଭାବେ ଉମେଶ ଜେନା ଗତ ସାଧାରଣ ନିର୍ବାଚନରେ ଲଢ଼ିଥିବା ବେଳେ ନିର୍ବାଚନ ପରେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ ବିଜେପିରେ ସାମିଲ ହୋଇଥିଲେ। ଉଭୟଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିବା ବେଳେ ପୁଣି ବିଜେପିର ମୁଖପାତ୍ର ମନୋଜ ମହାପାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ନାଁରେ ନିଜର ରାଜନୈତିକ ପ୍ରବେଶ କରିଥ?ବା ଚର୍ଚ୍ଚା ହେଉଛି। ତେବେ ପ୍ରକୃତରେ ବିଜେପିର ନେତୃତ୍ୱ କିଏ ନେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏକଦା ପୂର୍ବତନ ଜିଲ୍ଲା ସଭାପତି ଏହାର ନେତୃତ୍ୱ ନେବା ପାଇଁ ଉଦ୍ୟମ କରି ଫେଲ ମାରିଥିବା ବେଳେ ଏବେ ୩/୩ ଜଣ ନେତୃତ୍ୱ ନେବା ପାଇଁ ଅଣ୍ଟାଭିଡିବା ଫଳରେ କର୍ମୀ କାହା ସପକ୍ଷରେ ରହିବେ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିବା କୁହାଯାଉଛି।

ରସୁଲପୁର ବ୍ଲକ ଅତଲାପୁର ଠାରେ ଅନୁଷ୍ଠିତ ହୋଇଥିବା ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ମନୋଜ ମହାପାତ୍ର ଯୋଗ ଦେଇ ନିଜର ସାଂଗଠନିକ ଶକ୍ତି ପ୍ରଦର୍ଶନ କରିଛନ୍ତି। ତାଙ୍କର ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ବରୀ ବିଜେପିର ନେତୃତ୍ୱ ସମ୍ପର୍କରେ ଏକ ସ୍ପଷ୍ଟ ସଂକେତ ଦେଇଛି। ମନୋଜ ମହାପାତ୍ରଙ୍କ ସହିତ ଜଗତସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରେଇ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲା ବିଜେପି ସଭାପତି ଦେବଜାନୀ ପ୍ରଧାନ, ୩୬ନଂ ଜୋନ୍ ଜିଲାପରିଷଦ ସଦସ୍ୟା ଭାରତୀ ବିଶ୍ୱାଳ, ସିନେ ଅଭିନେତ୍ରୀ ରିୟା ଦେ ଓ ପୁନମ ମିଶ୍ର, ଅବସର ପ୍ରାପ୍ତ ପ୍ରଧନ ଶିକ୍ଷକ ଦୁଃଶାସନ ସାହୁ ପ୍ରଭୃତି ଅତିଥି ମାନେ ଯୋଗ ଦେଇଥିଲେ। ୧୬ ନଂ ଜାତୀୟ ରାଜପଥର ମୁଳାପାଳ ଛକରୁ ୫୦୦ରୁ ଊର୍ଦ୍ଧ୍ୱ ବାଇକ୍ ରାଲିରେ ନେତୃତ୍ୱ ମାନଙ୍କୁ ଖେଳ ପଡ଼ିଆ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଉମେଶ ଜେନା ଏବଂ ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଅନୁପସ୍ଥିତ ରହିବା ମନୋଜଙ୍କ ପାଇଁ ଦଳର ସବୁଜ ସଂକେତ ରହିଥିବା ତାଙ୍କ ସମର୍ଥକ ମାନେ ଚର୍ଚ୍ଚା ଆଲୋଚନା କରୁଛନ୍ତି।

# ଜନ୍ମଦିନରେ ଜିଲ୍ଲାବ୍ୟାପୀ ବିଜୁବାବୁଙ୍କ ସ୍ମୃତିଚାରଣ

**ଯାଜପୁର, ୫।୩(ସମିସ)**

ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମଦିବସ ଅବସରରେ ଯାଜପୁର ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପରେ ଯାଜପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି ସଭାରେ ଅନେକ ଜନପ୍ରତିନିଧି ଓ ବିଜୁପ୍ରେମୀମାନେ ଯୋଗଦେଇଥିଲେ। ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମେ ବିଜୁ ବାବୁଙ୍କ ପ୍ରତିଛବିରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ବିଜୁବାବୁଙ୍କ ବୀରତ୍ୱର ଗାଥା ଓ ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାଶ, ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳଙ୍କ ସମେତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବହୁ ଗଣମାନ୍ୟ ବ୍ୟକ୍ତିବର୍ଗ ଯୋଗ ଦେଇଥିଲେ।

ବିଞ୍ଝାରପୁର: ବିଂଝାରପୁରରେ ବିଜୁପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଂଝାରପୁର କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ବିଜୁ ବାବୁଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗ ଦେଇ ପ୍ରଥମେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଯୋଗଜନ୍ମା ବିଜୁ ବାବୁଙ୍କୁ ମନେ ପକାଇଥିଲେ। ବିଜୁ ଜନତା ଦଳ ବ୍ଲକ ସଭାପତି ନନ୍ଦ କିଶୋର ସାମଲ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭା କାର୍ଯ୍ୟରେ ଉପସ୍ଥିତ ବିଜୁ ପ୍ରେମୀ ମାନେ କେକ୍ କାଟି ବିଜୁ ବାବୁଙ୍କ ଜନ୍ମ ଦିନ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ସୁନିତା ନାୟକ, ଅହଲ୍ୟା ସ୍ୱାଇଁ, ମାମିନା ମଲ୍ଲିକ, ଖଗେଶ୍ୱର ମହାନ୍ତି, ଯୁବ ବିଜେଡି ସଭାପତି ଦିଲ୍ଲୀପ କୁମାର ରାଉଳ, ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦ, ବିଜୁ ଜନତା ଦଳ ସଂଯୋଜକ ପ୍ରଦୀପ ମହାନ୍ତି, ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଭାପତି ମୂରଲୀ ଧର ବେହେରା, ନିତ୍ୟାନନ୍ଦ ରାଉତ, ଧ୍ରୁବଚରଣ ସେଠୀ, ଶାସନ୍ଦା ସରପଞ୍ଚ କାମଦେବ ଧଳ, ବସନ୍ତ ମିଶ୍ର, ସୁଖ ରଞ୍ଜନ ପରିଡ଼ା, ଅଶୋକ ସାହୁ, ମୁକ୍ତିକାନ୍ତ ସାମଲ, ମହିଳା ନେତ୍ରୀ ଭାରତୀ କାଣ୍ତି, ପୂର୍ବତନ ସରପଞ୍ଚ ପ୍ରଦୀପ ମଲ୍ଲିକ, ବିଜେଡି ନେତା ଶ୍ୟାମସୁନ୍ଦର ବେହେରା ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ବିଜେଡି କର୍ମୀଙ୍କ ସମେତ ବହୁ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।



## ହୋଲିରେ ବଡ଼ ଅଘଟଣ: ପାଣିରେ ବୁଡ଼ି ୩ ଜଣଙ୍କ ମୃତ୍ୟୁ

**ବ୍ୟାସନଗର, ୫।୩(ସମିସ):** ହୋଲିରେ ଘଟିଛି ବଡ଼ ଅଘଟଣ। ବିଭିନ୍ନ ସ୍ଥାନରେ ପାଣିରେ ବୁଡ଼ି ୩ଜଣଙ୍କ ମୃତ୍ୟୁ ଘଟିଛି। ବ୍ୟାସନଗର ଅଞ୍ଚଳର ଜଣେ ନଦୀରେ ବୁଡ଼ିଯାଇଥିବା ବେଳେ ଅନ୍ୟ ଜଣେ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ପ୍ରଥମ ଯୁବକ ଜଣଙ୍କ ହେଲେ ବ୍ୟାସନଗର ସହର ଉମାପଦାସ୍ଥିତ ଗାୟତ୍ରୀ ବିହାରରେ ରହୁଥିବା ଅବସରପ୍ରାପ୍ତ ସରକାରୀ ଅଧିକାରୀ ବାସୁଦେବ ରାଉତଙ୍କ ବଡ଼ପୁଅ ସଂଗ୍ରାମ ଆଦିତ୍ୟ ଦାସ ଡାକନମ ଜିତୁ (୪୩)। ସେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ଲଷ୍ଟର ହେଡ ଭାବେ ଯାଜପୁରରୋଡରେ କାର୍ଯ୍ୟରତ ଥିଲେ। ଜିତୁ ସାଙ୍ଗମାନଙ୍କ ସହ ହୋଲି ଖେଳି ଯୋକଡ଼ିଆ ଖରସ୍ରୋତା ନଦୀର ଯୋକଡ଼ିଆ ବ୍ୟାରେଜ ନିକଟକୁ ଗାଧୋଇବାକୁ ଯାଇଥିଲେ। ସମସ୍ତେ ଗାଧୋଇବା ବେଳେ ହଠାତ୍ ଜିତୁ ଗଭୀର ଗଣ୍ଡ ମଧ୍ୟରେ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଯାଜପୁରରୋଡ୍ ପୁଲିସ ମୃତଦେହ ଜବତ କରି ୭/୨୬ରେ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସେହିପରି ଉତ୍ତର ପ୍ରଦେଶ ଅଞ୍ଚଳର ଯୁବକ ଶିବମ ଯାଦବ(୧୯) ବୋଲି ଜଣାପଡ଼ିଛି। ମୃତକ ନିଜର ସାଙ୍ଗମାନଙ୍କ ସହ ରଙ୍ଗ ଖେଳସାରି ମଧ୍ୟାହ୍ନରେ ସେ ପୋଖରୀରେ ଗାଧୋଉଥିବାବେଳେ ବୁଡ଼ିଯାଇଥିଲେ। ଆଜି ପୁଲିସ, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ କାଉନସିଲର ଶିବାନନ୍ଦ ନାୟକଙ୍କ ସହଯୋଗରେ ତିନିଜଣ ମସ୍ୟଜୀବୀଙ୍କ ସାହାଯ୍ୟରେ ଶିବମଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

ଯଖପୁରା : ସେହିପରି ହୋଲି ଖେଳି ସାରି ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିବା ଦାନଗଦି ବ୍ଲକ ଯଖପୁରା ଗ୍ରାମର ସଦାନନ୍ଦ ମଲ୍ଲିକଙ୍କ ବଡ଼ ପୁଅ ସମରଜିତ ମଲ୍ଲିକ(୧୭) ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି। ସମରଜିତ ଦଶମ ଶ୍ରେଣୀର ଛାତ୍ର ଥିଲା। ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ହୋଲି ଦିନ ସାଙ୍ଗ ସାଥୀଙ୍କ ସହିତ ଆନନ୍ଦରେ ହୋଲି ଖେଳିଥିଲା। ହୋଲି ଖେଳି ସାରି ଅନ୍ୟ ଦୁଇ ଜଣ ସାଙ୍ଗଙ୍କ ସହ ବ୍ରାହ୍ମଣୀ ନଦୀର ମନୋହରପୁର ବାଲି ଘାଟ ନିକଟରେ ଗାଧୋଉଥିଲେ। ଅସାବଧାନତାବଶତଃ ପାଣିରେ ଗୋଡ଼ ଖସିଯିବାରୁ ଅଥବା ପାଣିର ଗଭୀରତାକୁ ଜାଣି ନ ପାରି ବୁଡ଼ି ଯାଇଥିଲା। ପାଣିରୁ ଉଦ୍ଧାର କରି ଚିକିତ୍ସା ପାଇଁ ତାକୁ ସଙ୍ଗେ ସଙ୍ଗେ ଦାନଗଦି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




## ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ ପାଳନ

# 'ବିଜୁ ବାବୁ ସାହସ, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ'

### ଭଦ୍ରକ ବିଜୁ ଭବନ






**ଭଦ୍ରକ, ୫।୩(ସମିସ)**

ଓଡ଼ିଶାର ଗର୍ବ, ମହାନ ଜନନାୟକ, ପ୍ରବାଦ ପୁରୁଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଭଦ୍ରକ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ(ବିଜୁ ଭବନ)ଠାରେ ଭଦ୍ରକ ନିର୍ବାଚନମଣ୍ଡଳୀ ପକ୍ଷରୁ ଶ୍ରଦ୍ଧା ଓ ସମ୍ମାନ ସହିତ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଭଦ୍ରକ ବିଜେଡି ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ବିଜୁ ବାବୁଙ୍କ ଅଦମ୍ୟ ସାହସ, ଦୂରଦର୍ଶୀ ନେତୃତ୍ୱ ଏବଂ ଓଡ଼ିଶାର ଉନ୍ନତି ପାଇଁ ତାଙ୍କ ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ। ବିଜୁ ପଟ୍ଟନାୟକ କେବଳ ଜଣେ ନେତା ନୁହେଁ, ସେ ଓଡ଼ିଶାର ସାହସ, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଟାଉନ୍ ବିଜେଡି ସଭାପତି ଏମ୍‌ଡି ଜକାଉଲ୍ଲା, ଭଦ୍ରକ ପୌରପାଳିକା ୱାର୍ଡ ନଂ-୫ ପାରିଷଦ ଦିଲ୍ଲୀପ ନାୟକ, ୱାର୍ଡ ନଂ-୧୦ ପାରିଷଦଙ୍କ ପ୍ରତିନିଧି ପଙ୍କଜ ବଳ, ଗୁଜିଦରଡା ସରପଞ୍ଚ ଏମ୍‌ଡି ଫରହାତ ଆଲମ୍ ଖାନ ଓ କାଉପୁର ସରପଞ୍ଚଙ୍କ ପ୍ରତିନିଧି ମୁକ୍ତିକାନ୍ତ ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତାମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ମହାନ୍ତି, ରଘୁନାଥ ପଣ୍ଡା, ମେହେବୁବ୍ ଖାନ୍, ବାବୁଲା ରାଉତ, ଅଧିବକ୍ତା ବିଚିତ୍ର ଜେନା, ମୁସ୍ତାକିମ୍ ଖାନ୍, ଟୁନା ପଣ୍ଡା, ଗୋପାଳ କୃଷ୍ଣ ଦାସ, ଅଟଳ ବାରିକ, ଲିପୁ ଦାସ, ଉପେନ୍ଦ୍ର ଖିଲାରଙ୍କ ସହିତ ଯୁବନେତା ବିକାଶ ଶ୍ରେଷ୍ଠା, ନାସିରୁଦ୍ଦିନ୍ ଖାନ, ଜଳେନ୍ଦ୍ର ମହାନ୍ତି, ଦେବାଶିଷ ଭାରତୀ ପ୍ରମୁଖ ବୁଦ୍ଧିଜୀବୀ, ବରିଷ୍ଠ ଓ ଯୁବ ନେତୃମଣ୍ଡଳୀ ଉପସ୍ଥିତ ରହି ବିଜୁ ବାବୁଙ୍କ ଆଦର୍ଶକୁ ସ୍ମରଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଆଦର୍ଶ ଓ ସେବାଭାବ ଆମକୁ ସଦା ନୂଆ ପ୍ରେରଣା ଦେଇ ଆଗକୁ ବଢ଼ିବାର ପଥ ଦେଖାଏ ବୋଲି ଅତିଥିମାନେ କହିଥିଲେ।

### ବାସୁଦେବପୁର

ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କର ୧୧୦ତମ ଜୟନ୍ତୀ ବାସୁଦେବପୁର ବିଜେଡି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଉପସ୍ଥିତ ନେତାମାନେ ବିଜୁ ବାବୁଙ୍କ ଅବଦାନ ଓ ସ୍ମୃତିକୁ ଉଜ୍ଜୀବିତ କରିଥିଲେ। ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସଙ୍କ ସଭାପତିତ୍ୱରେ ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ ବାରିକ, କାଳନ୍ଦୀ ଚରଣ ସାହୁ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, ଚିନ୍ମୟ ବାରିକ, ପୂର୍ବତନ ସରପଞ୍ଚ ଗୌତମ ସେଠୀ, ଗିରିଶ ଚନ୍ଦ୍ର ସାମଲ, ସାରଦା ପ୍ରସାଦ ମହାନ୍ତି, ମାନସ ରଞ୍ଜନ ପଟ୍ଟନାୟକ, ଉମେଶ ଚନ୍ଦ୍ର ନାୟକ, କାଉନ୍‌ସିଲର ଚନ୍ଦନ ସେନ୍ ପ୍ରମୁଖ ଯୋଗଦେଇ ଓଡ଼ିଶାର ଗର୍ବ ଗୌରବ ବିଜୁ ପଟ୍ଟନାୟକ ଓଡ଼ିଆ ଜାତି ପାଇଁ ବିଶ୍ୱ ଦରବାରରେ ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। କେବଳ ଓଡ଼ିଶା ମଧ୍ୟରେ ବିଜୁବାବୁ ସୀମିତ ନ ଥିଲେ। ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବିଜୁବାବୁ ତାଙ୍କର ଅଦମ୍ୟ ସାହସ ଯୋଗୁଁ ୩ଟି ଦେଶର ଗର୍ବ ଗୌରବ। ବିଜୁ ବାବୁ ବିଶ୍ୱ ଦରବାରରେ ଓଡ଼ିଆଙ୍କ ପ୍ରତି ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି ବୋଲି ବକ୍ତାମାନେ କହିଛନ୍ତି।



### ତିହିଡ଼ି

ତିହିଡ଼ି ବିଜେଡି କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୂର୍ବତନ ସରପଞ୍ଚ କମଳାକାନ୍ତ ଦାସ, ବିପିନ ବେହେରା, ଆରକେଶ ନାୟକ, ଭରତ ମହାପାତ୍ର, ରାଜୁ ରାଉତ, ଧର୍ମାନନ୍ଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ



ସଭାରେ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ଡ. ସଞ୍ଜୟ କୁମାର ଦାସ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ପୂର୍ବତନ ସମିତିସଭ୍ୟ ସଂଗ୍ରାମ କେଶରୀ ଦାସ, ବିଜୁ ବାବୁଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଦଳ ପକ୍ଷରୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

### ବନ୍ତ/ଆଗରପଡ଼ା



କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ପ୍ରାରମ୍ଭରେ ଡାଏଟ୍ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ଦାଶଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ରାମଚନ୍ଦ୍ର ନାୟକ, ବିଜେଡି ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ସରପଞ୍ଚ ନିହାର ପଣ୍ଡା, ପ୍ରକାଶ ବିଶ୍ୱାଳ, ଦୀପକ ମହାନ୍ତି, ଜଇନୁଲ ଆବେଦିନ, ନନ୍ଦକିଶୋର ନାୟକ ପ୍ରମୁଖ ଉପସ୍ଥିତ ରହି ବିଜୁଙ୍କ ସ୍ମୃତିଚାରଣ କରିଥିଲେ। ସେଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା।

### ବାରିକପୁର




ଭଣ୍ଡାରିପୋଖରୀଠାରେ ଗୁରୁବାର ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ବ୍ଲକ ଛକଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପଞ୍ଚାୟତସ୍ତରୀୟ ନେତୃବୃନ୍ଦ ଓ କର୍ମୀମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାଛଡ଼ା କର୍ମୀମାନେ ମେଡିକାଲରେ ମଧ୍ୟ ଫଳ ବଣ୍ଟନ କରିଥିଲେ। କଲ୍ୟାଣ ମଣ୍ଡପଠାରେ ଅପରାହ୍ଣରେ ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଗୁଣଗାନ କରିଥିବାବେଳେ ସରକାର ଯାଇଥିଲେ ସୁଦ୍ଧା ତାଙ୍କ ଦ୍ୱାରା ଅନୁପ୍ରାଣିତ ବିଜୁ ଜନତା ଦଳ ଲୋକମାନଙ୍କ ହୃଦୟରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡ଼ା ବିଜୁ ବାବୁଙ୍କ ଭଳି ରାଜନୀତିକୁ ପେଶା ନୁହେଁ ବରଂ ନିଶା ଭାବେ ଗ୍ରହଣ କରି ଲୋକମାନଙ୍କ ସେବା କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଲାଲା ସ୍ୱାଇଁ, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ କୁମାର ଦାସ, ଭଣ୍ଡାରିପୋଖରୀ ବ୍ଲକ ଯୁବ ସଭାପତି ଲଳିତ ରାଉତ, ବନ୍ତ ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ରାଜ୍ୟ ବିଜୁ ଛାତ୍ର ଜନତା ଉପସଭାପତି ସୌମ୍ୟରଞ୍ଜନ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରବାଦ ପୁରୁଷ ଜଣେ ରାଷ୍ଟ୍ରବାଦୀ ନେତା ବୋଲି ଅଭିହିତ କରି ସମ୍ପ୍ରତି ବିଜେପିର ମିଛ ସରକାର ଉପରେ ଖୁବ୍ ବର୍ଷିଥିଲେ। ଏହାଛଡ଼ା ଏଥିରେ ସରପଞ୍ଚ ବର୍ଷାରାଣୀ ଜେନା, ନାଗେଶ୍ୱର ବେହେରା, ସତ୍ୟାନନ୍ଦ ମହାପାତ୍ର, ସୁଶାନ୍ତ ରାଉତ, ମାୟାଧର ଜେନା, ବିରେନ୍ଦ୍ର ନାୟକ, ଜଗତ ଜୀବନ ବାରିକ, ବିନୋଦ ରାଉତ, ଧନେଶ୍ୱର ଖୁଣ୍ଟିଆ, ବିଶ୍ୱନାଥ ସାହୁ ପ୍ରମୁଖଙ୍କ ସମେତ ୨୩ଟି ପଞ୍ଚାୟତର ଛାମୁଆ କର୍ମୀମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ପାଲ୍ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ବେକରୁ ହାର ଝିଙ୍କି ନେଲେ ଦୁର୍ବୃତ୍ତ

**ତିହିଡ଼ି, ୫।୩(ସମିସ):** ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ବାଇକରେ ବସିଥିବା ଜଣେ ମହିଳାଙ୍କ ବେକରୁ ହାର ଝିଙ୍କି ନେଇ ଦୁର୍ବୃତମାନେ ଖସିଯିବା ସମ୍ପ୍ରତି ଆଲୋଚନାର ବିଷୟ ହୋଇଛି। ସୂଚନା ଅନୁଯାୟୀ ଚାନ୍ଦବାଲି ଗୋପାଳପୁରର ମନୋରଞ୍ଜନ ସାହୁ ବୁଧବାର ଅପରାହ୍ଣରେ ନିଜ ବାଇକରେ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ନେଇ ତିହିଡ଼ି ଅଭିମୁଖେ ଆସୁଥିବା ବେଳେ ଦୁଇ ଗୋଟି ବାଇକରେ ଚାରି ଜଣ ଯୁବକ ତାଙ୍କର ପିଛା କରିଥିଲେ। କୋହ୍ଲି ଓ ଫତେପୁର ଛକ ମଝିରେ ବାଇକ ଚଲାଉଥିବା ଜଣେ ଯୁବକ ମନୋରଞ୍ଜନଙ୍କ ସ୍ତ୍ରୀଙ୍କ ବେକରୁ ହାରଟି ଝିଙ୍କି ନେଇ ଦ୍ରୁତ ଗତିରେ ଭଦ୍ରକ ଅଭିମୁଖେ ଚାଲିଯାଇଥିଲା। ସମାନ ବେଗରେ ଆଉ ଏକ ବାଇକ ମଧ୍ୟ ତାଙ୍କ ପଛେପଛେ ପଳାଇଥିଲା। ତଳେ ପଡ଼ିଯିବାରୁ ମହିଳା ଆହତ ହୋଇଥିଲେ। ତାଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ମହିଳାଙ୍କର ଦୁଇ ପିଲା ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ ଦୁର୍ବୃତମାନେ ନେଇଯାଇଥିବା ହାରର ଓଜନ ୧୨ ଗ୍ରାମ ହେବ ବୋଲି ଅଭିଯୋଗ କରାଯାଇଛି।

## ଭଦ୍ରକ ଓକିଲ ସଂଘ ନିର୍ବାଚନ: ପବନ ଶର୍ମା ନିର୍ବାଚନ ଅଧିକାରୀ

**ଭଦ୍ରକ, ୫।୩(ସମିସ):** ସମଗ୍ର ରାଜ୍ୟର ବାର୍ ଆସୋସିଏସନ୍ ନିର୍ବାଚନ ଆସନ୍ତା ୨୮ ତାରିଖ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଓକିଲ ନିର୍ବାଚନ ମଧ୍ୟ ଉକ୍ତ ନିର୍ଦ୍ଧାରିତ ତାରିଖରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ବରିଷ୍ଠ ଆଇନଜୀବୀ ପବନ ଶର୍ମାଙ୍କୁ ନିର୍ବାଚନ



ଅଧିକାରୀ ଭାବେ ବାର୍ ପକ୍ଷରୁ ମନୋନୀତ କରାଯାଇଛି। ଶ୍ରୀ ଶର୍ମାଙ୍କ ସହିତ ଆଇନଜୀବୀ ନାରାୟଣ ଚନ୍ଦ୍ର ମହାନ୍ତି, ହରିହର ଧଳ, ଜ୍ୟୋତି ରଞ୍ଜନ ବେହୁରା, ଲଲାଟେନ୍ଦୁ ଦୀକ୍ଷିତ, ଅତିସ୍ କୁମାର ବେହେରା, ସରୋଜ କୁମାର ଦାସ, ଅଞ୍ଜୁବାଳା ରାଉତ, ଅମିତ ବାହେଡି, ଲିପିକା ବାରିକ୍ ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ମନୋନୀତ ହୋଇଛନ୍ତି। ସଂଯୋଜକ ଭାବେ ସନ୍ତୋଷ କୁମାର ନାୟକ ଦାୟିତ୍ୱ ବହନ କରିବେ। ନିର୍ବାଚନ ନିମନ୍ତେ ୭ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହେବ। ୧୧ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ, ୧୩ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର, ୧୪ ତାରିଖରେ ସମ୍ପୂର୍ଣ୍ଣ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଭୋଟ୍ ଗ୍ରହଣ ୨୮ ତାରିଖ ପୂର୍ବାହ୍ଣ ୭ଟା ୩୦ରୁ ଆରମ୍ଭ ହୋଇ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିବ। ଭୋଟ୍ ଗଣତି ସେହିଦିନ ଅପରାହ୍ଣ ୪ଟାରୁ ଆରମ୍ଭ ହୋଇ ଫଳାଫଳ ଚୂଡ଼ାନ୍ତ ପର୍ଯ୍ୟନ୍ତ ଚାଲିବ। ୯୨୫ ଜଣ ଆଇନଜୀବୀ ଏଥର ମତଦାନ କରିବେ। ଭୋଟ୍ ଗ୍ରହଣ ଭଦ୍ରକ କୋର୍ଟ ପୁରୁଣା ଓକିଲ ସଂଘ ବିଲ୍ଡିଂରେ ହେବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ଶର୍ମା ଜଣାଇଛନ୍ତି।

## ଗୋପାଳଙ୍କ କଳସ ପରିଭ୍ରମଣ

**ବନ୍ତ/ଆଗରପଡ଼ା, ୫।୩(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁରର ଦାସ ସାହି, ବେହେରା ସାହି, ଖର୍ଦ୍ଧା ସାହି, ନର୍ଦ୍ଧା ସାହିର ଶତାଧିକ ଗୋପାଳ ସମ୍ପ୍ରଦାୟର ଲୋକେ ମଙ୍ଗଳବାର ଭୋର୍ ୫ଟାରେ ବାଣ ବାଜା ରୋଷଣିରେ ନିଜ ନିଜ ଗ୍ରାମ ପୁଷ୍କରିଣୀ ଫୁଲ କୁମ୍ଭ ବୁଡ଼ାଇଥିଲେ। ଏହାକୁ ଯଥା ରୀତିନୀତି ଅନୁସାରେ ନିଜ ଘରେ ପୂଜା କରିଥିଲେ। ପରେ ନିଜ ନିଜ ଗ୍ରାମ ଦେବଦେବୀଙ୍କୁ ଦର୍ଶନ କରି ଆଶିଷ କୃପା ଲାଭ କରିଥିଲେ। ବୁଧବାର ହୋଲି ଉପଲକ୍ଷେ ରଙ୍ଗ, ଅବିର ଖେଳର ମଜ୍ଜା ନେବା ସହିତ ବଜାର ଗ୍ରାମ ପରିକ୍ରମା କରିଥିଲେ। ପଞ୍ଚାନନ ଦାସ, ରାଜ କିଶୋର ଦାସ, କାର୍ତ୍ତିକ ବେହେରା, ନାରାୟଣ କବି, ତପନ ଦାସ, ଅଶୋକ କୁମାର ଦାସ, ନକୁଳ ବାରିକ, ପରୀକ୍ଷିତ ବାରିକ୍, ଅକ୍ଷୟ ଦାସ, ସନ୍ତୋଷ



ବେହେରା, ବୈକୁଣ୍ଠ ବେହେରା, ରାଜ କିଶୋର ବେହେରା, ମାଧବାନନ୍ଦ ବେହେରା, ନନ୍ଦକିଶୋର ଦାସ, ସୁଶାନ୍ତ କୁମାର ଦାସ, ଅପର୍ତ୍ତି ଦାସ, ଆନନ୍ଦ ଦାସଙ୍କ ସମେତ ବିଭିନ୍ନ ଗ୍ରାମର ଶତାଧିକ ଗୋପାଳ ସମ୍ପ୍ରଦାୟର ଲୋକେ ଉକ୍ତ ଉତ୍ସବରେ ସହଯୋଗ କରିଥିଲେ।

## ତ୍ୟାଗଭୂମି ଆନୁକୂଲ୍ୟରେ ସାରସ୍ୱତ ଫଗୁମିଳନ ଉତ୍ସବ



**ଭଦ୍ରକ, ୫।୩(ସମିସ):** ସ୍ଥାନୀୟ ଜଗନ୍ନାଥପୁରସ୍ଥିତ 'ତ୍ୟାଗଭୂମି ଭବନ' ପରିସରରେ ଶ୍ରୀଶ୍ରୀ ରାଧାଗୋବିନ୍ଦଜୀଉଙ୍କ ଆଗମନ ଅବସରରେ ଏକ ସାରସ୍ୱତ ଫଗୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ' ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ 'ଓଡ଼ିଆ କବିତାରେ ଫଗୁଣର ରଙ୍ଗ ଓ ବସନ୍ତର ଚିତ୍ରକଳ୍ପ' ବିଷୟବସ୍ତୁ ଉପରେ ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମେଳନର ସଭାପତି ଅଜୟ ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. କ୍ଷୀରୋଦ କୁମାର ସାମଲ ପୌରୋହିତ୍ୟ କରିଥିଲେ। ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ କଥାଶିଳ୍ପୀ ପବିତ୍ର ପାଣିଗ୍ରାହୀ, ପ୍ରାବନ୍ଧିକ ଡ.ଅଭୟ କୁମାର ଦାସ ଓ ସ୍ତମ୍ଭକାର ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ଓଡ଼ିଆ କାବ୍ୟ କବିତାରେ ବସନ୍ତର ଚିତ୍ରକଳ୍ପକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିଥିଲେ। ସମ୍ପାଦକ ଅଧିବକ୍ତା ଗଦାଧର ବଳ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଗଠନ ସମ୍ପାଦକ ସୁଧାକର ରାଉତ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ଅଖିଳ କୁମାର ପାଢ଼ୀ, ଲଲାଟେନ୍ଦୁ ମହାନ୍ତି, ଡ. ରବୀନ୍ଦ୍ର କୁମାର ନାୟକ ଓ ଶାନ୍ତନୁ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଡ. ଉଷାରାଣୀ ଜେନା ଓ କବୟିତ୍ରୀ ସଂଯୁକ୍ତା ବଳଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଗୌରାଙ୍ଗ ବାରିକ, ଶିଳ୍ପୀ ରତିକାନ୍ତ ଜେନା, ପ୍ରଶାନ୍ତ ସାହୁ, ବିଜୟ ସାହୁ, ଗୋବର୍ଦ୍ଧନ ସାମଲ, ମଦନ ମୋହନ ନାୟକ, ରବୀନ୍ଦ୍ର ପଣ୍ଡା, କମଳାକାନ୍ତ ସ୍ୱାଇଁ, ଇନ୍ଦ୍ରମଣି ପଣ୍ଡା, କରୁଣାକର ଉପାଧ୍ୟାୟ, ଗଜେନ୍ଦ୍ର ସେନାପତି, ସନ୍ଦୀପ କୁମାର ଜେନା, ବାଦଲ ପଣ୍ଡା, ବସନ୍ତ ସ୍ୱାଇଁ, ସୁବ୍ରତ ମହାପାତ୍ର, ମାୟାଧର ପଣ୍ଡା, କୈଳାସ ଚନ୍ଦ୍ର ମହାପାତ୍ର, ଶାନ୍ତନୁ ସାହାଣୀ ପ୍ରମୁଖ ସ୍ୱରଚିତ ବସନ୍ତ ଚେତନାଧର୍ମୀ କବିତାପାଠ କରିଥିଲେ। ଚକ୍ଷୁ ଚିକିତ୍ସକ ମୁକ୍ତିକାନ୍ତ ନାୟକ, ଅଶୋକ କୁମାର ଦ୍ୱିବେଦୀ ଓ ଶିବପ୍ରସାଦ ସତ୍ୟାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କାନ୍ତିରଞ୍ଜିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଶ୍ରୀ ରାଧାଗୋବିନ୍ଦଜୀଉଙ୍କ ଆଗମନ ଓ ମେଳଣ ଉତ୍ସବ ସହିତ ଏହି ସାରସ୍ୱତ ଆୟୋଜନ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ସାହିତ୍ୟିକ ପରିବେଶ ସୃଷ୍ଟି କରିଥିଲା।

## 'ମୋ ଭାରତ' ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ଭଦ୍ରକ, ୫।୩(ସମିସ):** ମୋ ଭାରତ, ଭଦ୍ରକ ପକ୍ଷରୁ ରବିବାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯାଇଥିଲା। ବିଭିନ୍ନ ବ୍ଲକସ୍ତରରେ ପଦକ ଜିତିଥିବା ପ୍ରାୟ ୧୭୦ ଯୁବ ପ୍ରତିଯୋଗୀ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କ୍ରୀଡ଼ା ଇଭେଣ୍ଟଗୁଡ଼ିକରେ ଭଲିବଲ୍ (ପୁରୁଷ), କବାଡ଼ି (ମହିଳା), ବ୍ୟାଡ୍‌ମିଣ୍ଟନ୍ ସିଙ୍ଗଲ୍‌ସ (ପୁରୁଷ ଓ ମହିଳା) ଏବଂ ୨୦୦ ମିଟର ଦୌଡ଼(ପୁରୁଷ ଓ ମହିଳା) ଅନ୍ତର୍ଭୁକ୍ତ ଥିଲା। ପ୍ରତିଯୋଗିତାଗୁଡ଼ିକ ଏକ ପ୍ରତିସ୍ପର୍ଦ୍ଧାମୂଳକ ଓ ଶୃଙ୍ଖଳିତ ପରିବେଶରେ ଅନୁଷ୍ଠିତ ହୋଇ ଜିଲ୍ଲାର ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତିଭାକୁ ପ୍ରକାଶ କରିଥିଲା। ଭଦ୍ରକ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ଡ. ରଜତ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ତାଙ୍କ ଭାଷଣରେ ସେ ଗ୍ରାମାଞ୍ଚଳର ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେବାରେ 'ମୋ ଭାରତ'ର ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଆଗାମୀ ଦିନରେ ଅଧିକ ସଫଳତା ଅର୍ଜନ ପାଇଁ ପ୍ରେରିତ କରିଥିଲେ।

### ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଶିଶୁସୁରକ୍ଷା ଆଲୋଚନାଚକ୍ର

# ଶିଶୁକୁ ଅପମାନ ଓ ଭେଦଭାବ ସୃଷ୍ଟି କରିବା ଅନୁଚିତ୍

**ଭଦ୍ରକ, ୫।୩(ସମିସ)**

ଜିଲ୍ଲା ସଂସ୍କୃତି ଭବନ ପରିସରରେ ଶିଶୁ ସୁରକ୍ଷାରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ମଙ୍ଗଳ ସଦସ୍ୟ ପ୍ରଦୀପ୍ତ କୁମାର କର ପ୍ରମୁଖ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ରଙ୍କ ମଞ୍ଚ ପରିଚାଳନାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ଅଧିକାରୀ ସୁବ୍ରତ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଶିଶୁ ସୁରକ୍ଷା ସମ୍ବନ୍ଧରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଆଲୋକପାତ କରିଥିବାବେଳେ ପ୍ରମୁଖ ଅତିଥିମାନେ ଶିଶୁ ସୁରକ୍ଷା ନିମିତ ବିଧିବଦ୍ଧ ଆଇନ ବ୍ୟବସ୍ଥା, ଶିଶୁର ସଞ୍ଜ୍ଞା, ଶିଶୁର



ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କରି ଶିଶୁକୁ ଥଇଥାନ ଓ ତା'ର ସମ୍ମାନହାନୀ ନ ହେବା ପାଇଁ ସମବେତ ପ୍ରଚେଷ୍ଟା ଜାରି ରଖିବାକୁ ଚେଷ୍ଟିତ ହେବା ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କିଶୋର ନ୍ୟାୟ ବ୍ୟବସ୍ଥାରେ ଧାରା ୭୪ ଅନୁଯାୟୀ, ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା, ଧାରା (୨୩) ଅନୁସାରେ ଶିଶୁର ଗୋପନୀୟତା ବଜାୟ ରଖିବା ସହ ତା'ର ପରିଚୟ, ମର୍ଯ୍ୟାଦା, ଫଟୋ ପ୍ରକାଶ ନ ହେବା, ସୁରକ୍ଷା ପ୍ରଦାନ ବା ଶିଶୁକୁ ଅପମାନ, ଭେଦଭାବ ସୃଷ୍ଟି ନ କରିବା ଅନୁଚିତ ବୋଲି ଦର୍ଶାଇଥିଲେ। ସେଥିପାଇଁ ଗଣମାଧ୍ୟମ ସର୍ବଦା ସକାରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ।

ବିଷୟ ବିଶାରଦ ଭାବେ ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ୍ ପୋଷ୍ୟ ସନ୍ତାନ ଗ୍ରହଣବେଳେ ଅନୈତିକ ଉପାୟ ଅବଲମ୍ବନ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ଉପରେ ଦୃଷ୍ଟି ନିକ୍ଷେପ କରି ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ। ଶିଶୁ ମୁଖରେ ଅଫୁରନ୍ତ ହସ ଫୁଟିବା ପାଇଁ ଚେଷ୍ଟା ରହିବା ଜରୁରୀ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ, ଅଶୋକ ନାୟକ, ଜ୍ଞାନରଞ୍ଜନ ପାଣି, ପ୍ରଭାତ ଦାସ, ଅଶ୍ୱିନୀ ପାଢ଼ୀ, ନରେନ୍ଦ୍ର ସାମଲ ପ୍ରମୁଖ ଶିଶୁମାନଙ୍କ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାକୁ ତ୍ୱରିତ ସାହାଯ୍ୟ, ଥଇଥାନ ଦିଗରେ ତ୍ୱରାନ୍ୱିତ କରିବାକୁ ମତବ୍ୟକ୍ତ କରିଥିଲେ। ବିଶେଷକରି ଜିଲ୍ଲାସ୍ତରରେ ବିଭିନ୍ନ ହୋଟେଲ, ଗ୍ୟାରେଜ, ଦୋକାନମାନଙ୍କରେ କାମ କରୁଥିବା ଶିଶୁମାନଙ୍କୁ ଉଦ୍ଧାରକରି ଥଇଥାନ ଦିଗରେ ଗୁରୁତ୍ୱ ଦେଲେ ସେମାନଙ୍କ ଅଧିକାର, ମର୍ଯ୍ୟାଦା ସୁରକ୍ଷିତ ହୋଇପାରିବ ବୋଲି ମତ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଶିଶୁଙ୍କ ଚଳପ୍ରଚଳ ତଥା ଯୌନ ଶୋଷଣ ମାମଲାରେ ସୂଚନା ଓ ପ୍ରଯୁକ୍ତି ଆଇନ ବଳରେ ଶିଶୁଙ୍କ ପ୍ରତି ଯଥେଷ୍ଟ ସାବଧାନ ରହିବାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଦ୍ୱିବେଦୀ ମତ ଦେଇଥିଲେ। ଖୋଲାମଞ୍ଚ ଆଲୋଚନା ପରେ ଶିଶୁ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ପ୍ରତି ସମସ୍ତେ ଯତ୍ନବାନ ଓ ଶୂନ୍ୟ ସହନଶୀଳ ନୀତି ପ୍ରୟୋଗ ଫଳରେ ଶିଶୁ ସୁରକ୍ଷା ଫଳପ୍ରଦ ହୋଇପାରିବ ବୋଲି ଆଲୋଚନାରେ ନିଷ୍କର୍ଷ ଉପୁଜିଥିଲା। ପରିଶେଷରେ ଶିଶୁ ସୁରକ୍ଷା ଶାଖାର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

